### ମୋହନାରେ ପୁଣି ଜନନୀ ଯନ୍ତ୍ରଣା

# ଷ୍ଟ୍ରେଚରରେ ଗର୍ଭବତୀଙ୍କୁ ଦେଢ଼କିମି ବୋହିଲେ ଆମ୍ବୁଲାନ୍ସ କର୍ମଚାରୀ

ମୋହନା, ୨୬।୭ (ସମିସ)



ପୁଣି ଜନନୀ ଯନ୍ତ୍ରଣା। ରାସ୍ତା ଖରାପ ଯୋଗୁଁ ଗାଁକୁ ଯାଇପାରିଲାନି ଆମ୍ବୁଲାନ୍ସ। ଗାଁ ଠାରୁ ପ୍ରାୟ ଦେଢ଼ କିଲୋମିଟର ଦୂରରେ ଆମ୍ବୁଲାନ୍ସ ରଖି ଚାଲି ଚାଲି ଯାଇ ଗର୍ଭବତୀ ମହିଳାଙ୍କୁ ଷ୍ଟ୍ରେଚରରେ ବୋହି ଆଣିଲେ ଆମ୍ବୁଲାନ୍ସ କର୍ମଚାରୀ। ଏଭଳି ସମସ୍ୟା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ମୋହନା ବ୍ଲକ ମହାକୂପା ଗାଁରେ। ଶନିବାର ମଧ୍ୟାହ୍ନରେ ଗାଁର ମଥୁରା ଶବରଙ୍କ ପତ୍ନୀ ରଶ୍ମିତା ଶବରଙ୍କ ପ୍ରସବ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ଓ ଆଶାକର୍ମୀ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ତେବେ ବର୍ଷାରେ ରାସ୍ତା ଖରାପ ଥିବା ସହ କାଦୁଅ ପଚ ପଚ ହୋଇ ରହିଥିଲା। ଫଳରେ ଗାଁଠାରୁ ଦେଢ଼ କିଲୋମିଟର ଦୂରରେ ଆମ୍ବୁଲାନ୍ସ ରହିଯାଇଥିଲା। ବାଧ୍ୟ ହୋଇ ଆମ୍ବୁଲାନ୍ସ ଫାର୍ମାସିଷ୍ଟ ବିଦ୍ୟାଧର ସାହୁ, ଡ୍ରାଇଭର ସୁନୀଲ ମଣ୍ଡଳ ଓ ସହଯୋଗୀ ଜୟାବ ଦଳବେହେରା ଚାଲି ଚାଲି ଯାଇଥିଲେ ମହାକୂପା ଗାଁକୁ। ପରିବାର ଲୋକଙ୍କ ସହାୟତାରେ ଷ୍ଟ୍ରେଚରରେ ଗର୍ଭବତୀଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିଲୋମିଟର ବୋହି ଆଣିଥିଲେ ଆମ୍ବୁଲାନ୍ସ କର୍ମଚାରୀ। ଏହାପରେ ଚନ୍ଦ୍ରଗିରି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ ରଶ୍ମିତା। ଉଭୟ ମା ଓ ଶିଶୁ ସୁସ୍ଥ ଅଛନ୍ତି। ଆମ୍ବୁଲାନ୍ସ କର୍ମଚାରୀଙ୍କ ଏପରି ମହାନତା ପାଇଁ କୃତଜ୍ଞତା ଜଣାଇଛନ୍ତି ଆଶାକର୍ମୀ ରୀତା କାର୍ଜି। ତେବେ ଗାଁରାସ୍ତା ନିର୍ମାଣ ପାଇଁ ବାରମ୍ବାର ଦାବି କରିଛନ୍ତି ଗ୍ରାମବାସୀ। ହେଲେ କୌଣସି ସୁଫଳ ମିଳୁନଥିବା କହିଛନ୍ତି। ତେଣୁ ତୁରନ୍ତ ସ୍ଥାୟୀ ପ୍ରତିକାର ସହ ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି ଗ୍ରାମବାସୀ।

### ସ୍ତ୍ରୀଙ୍କ ଶ୍ରାଦ୍ଧବାର୍ଷିକୀରେ ହୋଇଥାନ୍ତା ଭଜନ ସମାରୋହ

# ଗାଁ ଗାଁ ବୁଲି ପ୍ରଚାର ବେଳେ ଟଳିପଡ଼ିଲେ ସ୍ୱାମୀ



ବେଲଗୁଣ୍ଠା, ୨୬।୭ (ସମିସ): ଆସନ୍ତା ଅଗଷ୍ଟ ୧୫ରେ ସ୍ତ୍ରୀଙ୍କ ଶ୍ରାଦ୍ଧବାର୍ଷିକୀ ହୋଇଥାନ୍ତା। ଆଉ ଏଥିପାଇଁ ଭଜନ ସମାରୋହ ଆୟୋଜନ ହୋଇଥାନ୍ତା। ସେଥିପାଇଁ ସ୍ୱାମୀ ସାଇକଲ୍ ଓ ମାଇକ୍ ଯୋଗେ ପ୍ରଚାର କରୁଥିଲେ। ହେଲେ ପ୍ରଚାର କରୁଥିବାବେଳେ ରାସ୍ତାରେ ଟଳି ପଡ଼ିଛନ୍ତି। ଏମିତି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଜିରୋଳି ଗ୍ରାମରେ। ଜିରୋଳି ଗ୍ରାମର ରବି ବାରିକ। କିଛିବର୍ଷ ପୂର୍ବେ ସ୍ତ୍ରୀ ସୁମିତ୍ରା ବାରିକଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ସେ ମାନବ ସେବା ବୃଦ୍ଧା ଆଶ୍ରମ ଖୋଲି ଲୋକଙ୍କ ସେବା କରୁଥିଲେ। ସ୍ତ୍ରୀଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅନୁଷ୍ଠିତ ହୋଇଥାନ୍ତା ଭଜନ ସମାରୋହ ଓ ଏନେଇ ଏକ ସାଇକଲ୍‌ରେ ପ୍ରଚାର କରୁଥିଲେ। ସେ ଶନିବାର ନେଟଙ୍ଗାକୁ ପ୍ରଚାର ପାଇଁ ଆସିଥିବା ବେଳେ ଥକି ଯାଇ ନେଟଙ୍ଗା ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ବସି ପଡ଼ିଥିଲେ। ସ୍ଥାନୀୟ ସ୍ୱେଚ୍ଛାସେବି ପପୁ ଜେନା ତାଙ୍କୁ ପାଣି ପିଇବାକୁ ଦେବା ସହିତ ଖାଇବାକୁ ଯାଚିଥିଲେ। କିନ୍ତୁ ବୃଦ୍ଧ ଜଣଙ୍କ ଖାଇବାକୁ ମନା କରିଥିଲେ ଓ କିଛି ସମୟ ପରେ ବୃଦ୍ଧ ଜଣଙ୍କ ସେଠାରେ ହିଁ ଟଳି ପଡ଼ିଥିଲେ। ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏସ୍‌ଆଇ ଆର୍ତ୍ତତ୍ରାଣ ଦାନୀ ଘଟଣାର ତଦନ୍ତ କରୁଥିବା ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନ କହିଛନ୍ତି।

## ଗୁଣିଆ ସନ୍ଦେହରେ ଆକ୍ରମଣ ଅଭିଯୋଗ

ଦିଗପହଣ୍ଡି, ୨୬।୭ (ସମିସ): ଦିଗପହଣ୍ଡି ବ୍ଲକ ବାସୁଦେବପୁର ଗ୍ରାମର କେ.ପଞ୍ଚାନନଙ୍କୁ ଗୁଣିଆ ସନ୍ଦେହରେ ଗ୍ରାମର ବି.ନରସିଂହ, ବି. ପାଣ, ବି.କାଳିଆ, ବି.ସାବିତ୍ରୀ ଆକ୍ରମଣ କରିବା ସହ ହାତଗୋଡ଼ ବାନ୍ଧି ରାସ୍ତା ଉପରେ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏନେଇ ପଞ୍ଚାନନ ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଭାରପ୍ରାପ୍ତ ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ଗ୍ରାମର ଜଣେ ଯୁବତୀଙ୍କ ଦେହ ଖରାପ ହେବାରୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ହେବା ସତ୍ତ୍ୱେ ବିଭିନ୍ନ ପ୍ରଳାପ କରିବା ସହ ସେ ସୁସ୍ଥ ନହେବାରୁ ତାଙ୍କୁ କେହି ଗୁଣିଆ (ତନ୍ତ୍ର ବିଦ୍ୟା) କରିଥିବା ପରିବାର ଲୋକେ ସନ୍ଦେହ କରିଥିଲେ। ଗାଁ ନିକଟସ୍ଥ ଜଣେ ତାନ୍ତ୍ରିକଙ୍କ ପରାମର୍ଶ କ୍ରମେ ଗ୍ରାମର ଜଣେ ବ୍ୟକ୍ତି ହିଁ ଯୁବତୀଙ୍କୁ ତନ୍ତ୍ର ବିଦ୍ୟା ପ୍ରୟୋଗ କରି ଗୁଣି କରିଥିବା ପ୍ରକାଶ କରୁଥିଲେ। ପରେ ପରିବାର ଓ ସମ୍ପର୍କୀୟ ଲୋକେ ପଞ୍ଚାନନଙ୍କୁ ସନ୍ଦେହ କରି ଗତ ବୁଧବାର ରାତିରେ ତାଙ୍କୁ ମାଡ଼ ମାରିଥିବା ଏତଲାରେ ଉଲ୍ଲେଖ ରହିଛି। ପୁଲିସ କିଛି ଅଭିଯୁକ୍ତଙ୍କୁ ଥାନାକୁ ଉଠାଇ ଆଣି ତଦନ୍ତ ଚଳାଇଛି।

## ଧନେଇ ଜଳଭଣ୍ଡାରରୁ ଜଳ ଯୋଗାଣ ଆରମ୍ଭ

ପୋଲସରା, ୨୬।୭ (ସମିସ): ପୋଲସରା ବ୍ଲକ ଅନ୍ତର୍ଗତ ଧନେଇ ଜଳଭଣ୍ଡାରରୁ ଖରିଫ ଚାଷ ପାଇଁ ପ୍ରଥମ ପର୍ଯ୍ୟାୟରେ ଜଳ ନିଷ୍କାସନ କରାଯାଇଛି। ପୂର୍ବରୁ ନିଷ୍ପତ୍ତି ପ୍ରକାରେ ଚାଷୀଙ୍କ ଆବଶ୍ୟକତାକୁ ନେଇ କେନାଲରେ ପାଣି ଛଡ଼ାଯାଇଛି। ଶନିବାର ପ୍ରଥମ ଜଳ ଯୋଗାଣ ନିମନ୍ତେ ଧନେଇ ଜଳ ସେଚନର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସଞ୍ଜିବ କୁମାର ପଣ୍ଡାଙ୍କ ଉପସ୍ଥିତିରେ କେନାଲ ଗେଟ୍ ଖୋଲା ଯାଇଥିଲା। ସକାଳେ ଚାଷୀ ପ୍ରତିନିଧିଙ୍କ ସମେତ ଜଳସେଚନ ବିଭାଗର ସମସ୍ତ କର୍ମଚାରୀ ମାନଙ୍କ ଉପସ୍ଥିତିରେ ପାଣି ଛଡାଯାଇଥିଲା। ଏହି ନିଷ୍ପତ୍ତିକୁ ପୋଲସରା ତହସିଲଦାର ଓ ପୋଲସରା କୃଷି ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ଧନେଇ ଜଳଭଣ୍ଡାରରୁ କେନାଲରେ କୃଷି କାର୍ଯ୍ୟ ପାଇଁ ପ୍ରଥମ ପର୍ଯ୍ୟାୟରେ ଚାଷୀଙ୍କ ଆବଶ୍ୟକତା ଓ ଜଳଭଣ୍ଡାରର ଗଚ୍ଛିତ ଜଳକୁ ଦୃଷ୍ଟିରେ ରଖି ପର୍ଯ୍ୟାୟ କ୍ରମେ ଜଳ ଛାଡିବାକୁ ଏବଂ ବିଭିନ୍ନ ପାଣି ପଞ୍ଚାୟତ ଅଧୀନରେ ଥିବା ସମସ୍ତ ଅନାଧିକୃତ ଆଉଟଲେଟ ଗୁଡିକୁ ବନ୍ଦ କରି ସୁସମ ଜଳ ବଣ୍ଟନ କରାଯିବା ନେଇ ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ୪ କାଉଡ଼ିଆ ଆହତ

ଜଗନ୍ନାଥପ୍ରସାଦ, ୨୬।୭ (ସମିସ): ଜଗନ୍ନାଥପ୍ରସାଦ ଥାନା ନିକଟ ରାଜ୍ୟ ରାଜପଥ ୨୧ରେ ବାଇକ ଦୁର୍ଘଟଣାରେ ତିନିଜଣ କାଉଡ଼ିଆ ଗୁରୁତର ହୋଇଛନ୍ତି। ଗୁରୁତର ମାନେ ହେଲେ ଫୁଲବାଣୀ ଅଞ୍ଚଳର ରାମହରୀ ସାହୁ (୨୩), ରାଇକିଆର ଗ୍ରାମର ଦ୍ୱିତୀକୃଷ୍ଣ ନାୟକ(୨୮), ରାହୁଲ ବେହେରା(୨୧) ଓ ପ୍ରଦ୍ୟୁମ୍ନ ସାହୁ(୨୦)।

ସୂଚନା ପ୍ରକାରେ ୪୫ ଜଣିଆ କାଉଡ଼ିଆ ଦଳ କନ୍ଧମାଳ ଜିଲ୍ଲା ରାଇକିଆରୁ ନୟାଗଡ଼ ଜିଲ୍ଲା ଓଡଗାଁ ଦୁତିକେଶ୍ୱର ମନ୍ଦିରକୁ ପାଣି ନେଇ ଯାଉଥିଲେ। ଜଗନ୍ନାଥପ୍ରସାଦ ଥାନା ନିକଟ ହନୁମାନ ମନ୍ଦିରରେ ପଛପଟୁ ଆସୁଥିବା ବାଇକ୍ (ନଂ.ଓଡି-୩୨-୦୫୭୬) ଦ୍ରୁତ ଗତିରେ ଆସି କାଉଡ଼ିଆଙ୍କୁ ଧକ୍କା ଦେଇଥିଲା। ଫଳରେ ୧୦ରୁ ଊର୍ଦ୍ଧ୍ୱ କାଉଡିଆ ଛିଟିକି ପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ନାରାୟଣୀ ନାମକ ଏକ ଯାତ୍ରାବାହୀ ବସ୍ କର୍ମଚାରୀ ଆହତଙ୍କୁ ଆଣି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ପୁଲିସ ବାଇକ ଜବତ କରିବା ସହ ବାଇକ ଚାଳକ ଫେରାର ଥିବା ବେଳେ ବାଇକ ପଛରେ ବସିଥିବା ଯୁବକକୁ କାବୁ କରିଛି।

## ହିନ୍ଦୀ ଦିବସ ପାଇଁ ଶିକ୍ଷକ କର୍ମଚାରୀ ସଙ୍ଘର ପ୍ରସ୍ତୁତି ବୈଠକ

ଫୁଲବାଣୀ, ୨୬।୭ (ସମିସ): ଓଡ଼ିଶା ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଆଗାମୀ ଅଗଷ୍ଟ ୧୬ ତାରିଖରେ ଆୟୋଜିତ ହେବାକୁ ଥିବା ହିନ୍ଦୀ ଦିବସ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଶିକ୍ଷା ଭବନଠାରେ ଓଷ୍ଟାର ଜିଲ୍ଲା ସଭାପତି ଚତୁର୍ଭୁଜ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ରଞ୍ଜନ ମହାନ୍ତି ଯୋଗ ଦେଇ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ସମାବେଶକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ସଙ୍ଘ ପକ୍ଷରୁ ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟକୁ ଅନୁଦାନ, ଅବସର କାଳୀନ ସୁବିଧା ପ୍ରଦାନ, ଅବସର ବୟସ ସୀମା ୬୨କୁ ବୃଦ୍ଧି ଭଳି ଦାବି କରାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗଣେଶ୍ୱର ଦଳାଇ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ବିଷୋୟୀ, ଉପସଭାପତି ରଞ୍ଜନ ମିଶ୍ର, ପ୍ରଭାତ ରଥ, ଯୁଗ୍ମ ସମ୍ପାଦକ ନରେଶ ସାମଲ ଓ ପ୍ରତିମା ସାହୁଙ୍କ ସମେତ ବହୁ ସଦସ୍ୟ ବକ୍ତବ୍ୟ ରଖିଥିଲେ। ପ୍ରଧାନଶିକ୍ଷକ ରାଧେଶ୍ୟାମ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ସାହିତ୍ୟ ସହ କଳାର ଯାଦୁ

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଶୁଭସ୍ମିତା



ଛତ୍ରପୁର, ୨୬।୭ (ସମିସ): ମାତ୍ର ୧୯ ବର୍ଷ ବୟସରେ ଦେଶ ଓ ବିଦେଶର ମଞ୍ଚରେ ନାଁ କରିଛନ୍ତି ଛତ୍ରପୁରର ଗର୍ବ ତଥା ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟର ଛାତ୍ରୀ ଶୁଭସ୍ମିତା ପଣ୍ଡା। ଲେଖନୀ ଓ ଚିତ୍ରକଳାରେ ଏମିତି ଏକ ନାମ ଯାହା ପାଇଁ ଗଞ୍ଜାମ ତଥା ଓଡ଼ିଶା ମାଟି ଗର୍ବିତ। ତାଙ୍କର ଦୁଇଟି ଇଂରାଜୀ ପୁସ୍ତକ ଯଥା 'କ୍ରୋନିକାଲ୍ ଚିପ୍ସ', ଓ 'ଏମ୍ବ୍ରାସ୍ ଅଫ୍ ଥଟ୍' ମାତ୍ର ୧୧ ସପ୍ତାହ ମଧ୍ୟରେ ପ୍ରକାଶିତ ହୋଇଛି। ଯାହା ଜଣେ ତରୁଣୀ ପାଇଁ ମହାସଫଳତା ଅଟେ। ଏହା ଚେନ୍ନାଇ ସ୍ଥିତ ନୋସନ୍ ପ୍ରେସ୍ ଦ୍ୱାରା ପ୍ରକାଶିତ ହୋଇ ଜାତୀୟ ଓ ଆନ୍ତର୍ଜାତୀୟ ପାଠକଙ୍କ ହୃଦୟ ଛୁଇଁଯାଇଛି। ଲେଖା ପାଇଁ ତାଙ୍କର ଏତେ ଉତ୍ସାହ, ଯେଉଁଥିରେ ପ୍ରତ୍ୟେକ ଶବ୍ଦ ହେଉଛି ତାଙ୍କର ମନ ଓ ଆତ୍ମାର ଅନୁଭୂତି। ଏକ ସାଧାରଣ ପରିବାରରୁ ଆସି ମଧ୍ୟ ତାଙ୍କର ସେହି କଠିନ ପରିଶ୍ରମର ଫଳ ସ୍ୱରୂପ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ୨୦୨୫ ରେ ସ୍ଥାନ ପାଇଛନ୍ତି। ଶୁଭସ୍ମିତା କେବଳ ଜଣେ ଲେଖିକା ନୁହଁନ୍ତି, ସେ ଜଣେ ପ୍ରତିଭାଶାଳୀ ଚିତ୍ରଶିଳ୍ପୀ ମଧ୍ୟ ଅଟନ୍ତି। ତିନୋଟି ସ୍ୱର୍ଣ୍ଣ ପଦକ ଜିତି ସେ ଦେଶ ବିଦେଶର ଚିତ୍ରକଳା ଜଗତକୁ ଓଡ଼ିଆ ଝିଅ ମାନେ କେଉଁଠି ଯାଇପାରନ୍ତି ବୋଲି ପ୍ରମାଣ କରିଛନ୍ତି। ସେହି ସଫଳତାକୁ ଅଗ୍ରଗତି ଦେଇ ସେ ଏପରିକି ଭାରତରେ ଆୟୋଜିତ ଏକ ଆର୍ଟ ଇଭେଣ୍ଟରେ ୭୬ତମ ସ୍ଥାନ ହାସଲ କରି ଆଉ ଗୋଟିଏ ସ୍ୱର୍ଣ୍ଣ ପଦକ ସହ ବଡ଼ ଟ୍ରଫି ମଧ୍ୟ ଜିତିଛନ୍ତି। ତାଙ୍କ ବାପା ସୁରେନ୍ଦ୍ର କୁମାର ପଣ୍ଡା ହେଉଛନ୍ତି ଜଣେ ଆଇନଜୀବୀ ଓ ମାତା ମମତାରାଣୀ ପଣ୍ଡା ଗୃହିଣୀ। ସେମାନେ ଝିଅକୁ ମଣିଷ କରିବା ପାଇଁ ଯେଉଁ କଠିନ ପରିଶ୍ରମ କରୁଥିଲେ ଓ ସ୍ୱପ୍ନ ଦେଖିଥିଲେ, ଝିଅ ଶୁଭସ୍ମିତା ସେହି ସ୍ୱପ୍ନକୁ ସାକାର କରିଛି।

## ଖଣ୍ଡାରେ ଆକ୍ରମଣ ଘଟଣା; ମୁଖ୍ୟ ଅଭିଯୁକ୍ତ ଗିରଫ

ପୁରୁଷୋତ୍ତମପୁର, ୨୬।୭ (ସମିସ): ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଭାଟକୁମରଡ଼ା ଗ୍ରାମରେ ମରିଚ ଗୁଣ୍ଡ ଫିଙ୍ଗି ଆରିୟାନ ବେହେରା ନାମକ ଜଣେ ଯୁବକକୁ ଖଣ୍ଡାରେ ଆକ୍ରମଣ ଘଟଣାରେ ପୁଲିସ ଆଜି ମୁଖ୍ୟ ଅଭିଯୁକ୍ତ ଦମକଳ ଓରଫ ପବିତ୍ର ଜେନା (୨୧)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୂର୍ବରୁ ଏହି ଘଟଣାରେ ପୁଲିସ ୨ଜଣଙ୍କୁ ଗିରଫ କରିଥିବା ବେଳେ ଆଜି ମୁଖ୍ୟ ଅଭିଯୁକ୍ତକୁ ସ୍ଥାନୀୟ ଥାନା ଅନ୍ତର୍ଗତ ଭାଟକୁମରଡା ମାମୁ ଘରୁ ଗିରଫ କରାଯାଇଥିବା ଥାନା ଅଧିକାରୀ ରାଜେଶ କୁମାର ନାୟକ ସୂଚନା ଦେଇଛନ୍ତି। ଦମକଳର ନିଜ ଘର ରମ୍ଭା ଥାନା ଅନ୍ତର୍ଗତ ଖଣ୍ଡିଦେଉଳି ଗ୍ରାମରେ। ମାମୁ ଘର ଭାଟକୁମୁରଡାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏଭଳି ଘଟଣା ଗତ ମଙ୍ଗଳବାର ସନ୍ଧ୍ୟାରେ ଘଟିଥିଲା। ଆରିୟନ ମେଡିକାଲ ଛକ ନିକଟସ୍ଥ ଦୋକାନକୁ ପାଣି ଦେବାକୁ ଯାଉଥିବା ବେଳେ ଦମକଳ ପ୍ରଥମେ ଲଙ୍କା ଗୁଣ୍ଡ ଫିଙ୍ଗି ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲା। ଗୁରୁତର ଆରିୟନକୁ ପ୍ରଥମେ ଭାଟକୁମରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପୁରୁଷୋତ୍ତମପୁର ଥାନା ଅଧିକାରୀ ରାଜେଶ କୁମାର ନାୟକ ସଦଳବଳ ପହଞ୍ଚି ତଦନ୍ତ କରିଥିଲେ। ଆରିୟନ ବାପାଙ୍କ ଏତଲା ଆଧାରରେ ମାମଲା ରୁଜୁ କରିବା ସହ ଘଟଣା ଦିନ ଠାରୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖି ଆଜି ମୁଖ୍ୟ ଅଭିଯୁକ୍ତ ଦମକଳକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ପୂର୍ବରୁ ଏହି ଘଟଣା ସମ୍ପୃକ୍ତ ନାଇଡୁପଲ୍ଲୀ ଗ୍ରାମର ସାଗର ନାହାକ(୨୦) ଓ ଭାଟକୁମରଡା ଗ୍ରାମର ରାହୁଲ ଓରଫ ଅଂଶୁମାନ ସାହୁ(୧୬)ଙ୍କୁ ଗିରଫ କରାଯାଇଥିଲା।

## ନିଶାନିବାରଣ କେନ୍ଦ୍ରରେ ରୋଗୀଙ୍କୁ କିଟ୍ ବଣ୍ଟନ



ଛତ୍ରପୁର, ୨୬।୭ (ସମିସ): ଛତ୍ରପୁର ରୋଟାରି କ୍ଲବର ୧୮ତମ ଅଧିଷ୍ଠାନ ଦିବସ ପାଳନ ଅବସରରେ କ୍ଲବର ନୂତନ ସଭାପତି ତଥା ହାଇକୋର୍ଟ ଆଡଭୋକେଟ ପଦ୍ମ ଚରଣ ସାହୁ, ନୂତନ ସମ୍ପାଦକ ଡମ୍ବୁରୁଧର ସାହୁ, ଡିଷ୍ଟି ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ, ଆସିଷ୍ଟାଣ୍ଟ ଗଭର୍ଣ୍ଣର ବିଭୁ ପ୍ରସାଦ ମହାପାତ୍ର, ଚାର୍ଟର ସଭାପତି ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ଚାର୍ଟର ସମ୍ପାଦକ ସୁରଜିତ ସାମନ୍ତରା, ପୂର୍ବତନ ସଭାପତି ଡ଼ଃ ବିମଳ ପ୍ରସାଦ ସାହୁ, ପୂର୍ବତନ ସମ୍ପାଦକ ଦ୍ୱାରକା ପ୍ରସାଦ ପଟ୍ଟନାୟକ, ରୋଟାରିୟନ ନିରଞ୍ଜନ ପାତ୍ର, ଏମ. ଧନଞ୍ଜୟ ରେଡ୍ଡୀଙ୍କ ସମେତ କ୍ଲବର ଅନ୍ୟାନ୍ୟ ସଦସ୍ୟ / ସଦସ୍ୟା ସ୍ଥାନୀୟ ପୁରୁଣା ପୁଲିସ ଲାଇନ ସ୍ଥିତ ନିଶାନିବାରଣ କେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ଥିବା ରୋଗୀମାନଙ୍କ ସହ ଆଲୋଚନା କରିବା ସହିତ ସେମାନଙ୍କ ସୁବିଧା / ଅସୁବିଧା କଥା ପଚାରି ବୁଝି ବିଭିନ୍ନ ସାମଗ୍ରୀର କିଟ ବଣ୍ଟନ କରିଥିଲେ। ଏହି ଅବସରରେ ଡାକ୍ତର ବିଷ୍ଣୁ ପ୍ରିୟା ସେଠୀ କ୍ଲବର ନୂତନ ସଦସ୍ୟ ଗ୍ରହଣ କରିଥିଲେ।

## କୁକୁର କାମୁଡ଼ାରେ ୧୩ ଆହତ

ବୁଗୁଡ଼ା, ୨୬।୭ (ସମିସ): ବୁଗୁଡ଼ା ଅଞ୍ଚଳର ବିଭିନ୍ନ ଗ୍ରାମରେ ଦୁଇ ଦିନ ମଧ୍ୟରେ କୁକୁର କାମୁଡାରେ ୯ ଜଣ ମହିଳାଙ୍କ ସମେତ ୧୩ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ସଙ୍କୁରୁ ଗ୍ରାମର ମାଳତୀ ଗୌଡ଼, ରୋଜା ସାମଲ, ତନୁ ନାଇକ ଓ ଅର୍ଚ୍ଚିତା ନାଇକ, ଘୋଳପୁର ଗ୍ରାମର ଆରତୀ ପ୍ରଧାନ, ଶଙ୍କର ଡାକୁଆ, ପ୍ରୀତି ସେଠୀ ଓ ଗନ୍ଧିଆ ପ୍ରଧାନ, କାନକୁଟୁରୁ ଗ୍ରାମର ଝିଲ୍ଲୀ ବେହେରା, ବାଲିପଦର ଗ୍ରାମର ଲିପି ବେହେରା, କାନସାରଲା ଗ୍ରାମର ଅନ୍ତର୍ଯ୍ୟାମୀ ନାଇକ, ମୋଟାବାଡି ଗ୍ରାମର ବାଲା ଆରୁଖ ଓ ମହୁଲପଲ୍ଲୀ ଗ୍ରାମର ଅଞ୍ଜଳୀ ବିଷୋୟୀ। ଏ ସମସ୍ତ ଆହତଙ୍କୁ ମେଡିକାଲରେ ଚିକିତ୍ସା କରାଯାଇଛି। ଅନ୍ୟପକ୍ଷରେ ଆତଙ୍କ ସୃଷ୍ଟି କରିଥିବା ଘୋଳପୁର ଗାଁର ଏକ ପାଗଳା କୁକୁରକୁ ଶନିବାର ସକାଳେ ସଙ୍କୁରୁ ଗ୍ରାମରେ ଲୋକେ ମାରିଦେଇଥିବା ଜଣାଯାଇଛି।

## ବାଇକ୍‌ରୁ ଖସି ମହିଳାଙ୍କ ମୃତ୍ୟୁ

ବୁଗୁଡା, ୨୬।୭ (ସମିସ): ବୁଗୁଡ଼ା-ବାଲିପଦର ମୁଖ୍ୟରାସ୍ତାରେ ବାଇକରୁ ଖସିପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୋଲସରା ଥାନା ଅନ୍ତର୍ଗତ ହଂସରାଳି ଗ୍ରାମର ଆରତୀ ମହାରଣା(୪୨)। ଏ ନେଇ ବୁଗୁଡା ଥାନାରେ ଏକ ମାମଲା ରୁଜୁ ହୋଇଥିବା ଏସ୍‌ଆଇ ଜ୍ୟୋତିଶ୍ରୀ ସାହୁ କହିଛନ୍ତି। ଆରତୀଙ୍କ ସ୍ୱାସ୍ଥ୍ୟ ଖରାପ ହେତୁ ଚିକିତ୍ସା ପାଇଁ ବ୍ରହ୍ମପୁର ଯାଇ ସେଠାରୁ ତାଙ୍କର ପୁତୁରା ବୁନା ମହାରଣାଙ୍କ ବାଇକରେ ବସି ବଡ଼ ଭଉଣୀଙ୍କ ଘର ଭୋଗଡ଼ା ଆସୁଥିଲେ। ବାଲିପଦର-ବୁଗୁଡା ମୁଖ୍ୟ ରାସ୍ତାରେ ଆସୁଥିବା ବେଳେ ପଙ୍କଳବାଡି ଗାଁ ନିକଟରେ ବାଇକ୍ ଆଗକୁ କୁକୁର ଆସିବାରୁ ବୁନା ବ୍ରେକ୍ ମାରିଥିଲେ। ଏହି ସମୟରେ ପଛରେ ବସିଥିବା ଆରତୀ ଖସି ପଡ଼ିଥିଲେ ଏବଂ ତାଙ୍କର ମୁଣ୍ଡ ରାସ୍ତାରେ ମାଡ଼ ହୋଇଯିବା ଫଳରେ କାନପଟୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ତାଙ୍କୁ ବୁଗୁଡା ମେଡିକାଲକୁ ଅଣାଯାଇଥିଲା। ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଦଶମ ଶ୍ରେଣୀ ଛାତ୍ରୀଙ୍କ ଆତ୍ମହତ୍ୟା

ମୋହନା, ୨୬।୭ (ସମିସ): ମୋବାଇଲକୁ ନେଇ ଝଗଡ଼ା ପରେ ଆତ୍ମହତ୍ୟା କରିଛନ୍ତି ଦଶମ ଶ୍ରେଣୀ ଛାତ୍ରୀ। ଏଭଳି ଘଟଣା ଘଟିଛି ଗଜପତି ଜିଲ୍ଲା ଅଡବା ଥାନା ଅନ୍ତର୍ଗତ ଉଲିଆପଦା ଗ୍ରାମରେ।

ସୂଚନା ମୁତାବକ ଉଲିଆପଦାର ଜଣେ ନାବାଳିକାଙ୍କର କନ୍ଧମାଳ ଜିଲ୍ଲାସ୍ଥିତ ଜଣେ ଯୁବକଙ୍କ ସହ ବାହାଘର ଠିକ ହୋଇଥିଲା। ହେଲେ ନାବାଳିକା ଜଣକ ପାଠ ପଢୁଥିବାରୁ ଯୁବକ ଜଣକ ନିଜ ଘର ବ୍ରାହ୍ମଣୀଗାଁରେ ନାବାଳିକାକୁ ରଖି ପାଠ ପଢ଼ାଉଥିଲେ। ହେଲେ ଦଶମ ପରେ କଲେଜରେ ପଢ଼ାଇବାକୁ ପରିବାର ଲୋକଙ୍କ ମଧ୍ୟରେ ମତପାର୍ଥକ୍ୟ ହେବାରୁ ଯୁବକ ନାବାଳିକାଙ୍କୁ ଆଣି ତାଙ୍କ ଘରେ ଛାଡିଥିଲେ। ଯୁବକଙ୍କ କହିବା ପ୍ରକାରେ ଏକ ମୋବାଇଲକୁ ନେଇ ତାଙ୍କ ସହ ନାବାଳିକାର ପାଟିତୁଣ୍ଡ ହୋଇଥିଲା। ନାବାଳିକାକୁ ଯୁବକ ଜଣକ ସେଠାରେ ଛାଡି ଚାଲିଯାଇଥିଲେ। ଶେଷରେ ନାବାଳିକା ଜଣକ ଏକ ଲୁଗାରେ ଫାଶୀ ଲଗାଇ ଘରେ ଝୁଲିପଡ଼ିଥିଲେ। ଏନେଇ ନାବାଳିକାର ମା' ଖବର ଦେବାପରେ ବିରିକୋଟ ମେଡିକାଲକୁ ଅଣାଯାଇଥିଲା। ଡାକ୍ତର ନାବାଳିକାଙ୍କୁ ମୃତ ଘୋଷଣା କରିବା ସହିତ ଅଡବା ପୁଲିସକୁ ସୂଚନା ଦେଇଥିଲେ ପୁଲିସ ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

## ପିପୁଲ୍ସ କଲେଜରେ ଶିକ୍ଷକ-ଅଭିଭାବକ ସମ୍ମିଳନୀ




ବୁଗୁଡ଼ା, ୨୬।୭ (ସମିସ): ସ୍ଥାନୀୟ ପିପୁଲ୍ସ କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଶିକ୍ଷକ-ଅଭିଭାବକ ସମ୍ମିଳନୀ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅକ୍ଷୟ କୁମାର ସାହୁଙ୍କ ସମେତ ଅଧ୍ୟାପକ ଲୋକନାଥ ବେହେରା ଓ ପବିତ୍ର ଖଣ୍ଡୁଆଳ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏହି ଅବସରରେ +୩ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷବର୍ଷ ଛାତ୍ରୀ ରେଶମା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଇପିଏଫ୍ ଓ ଇଏସ୍‌ଆଇ ଅର୍ଥ ପୈଠ କରୁନି ଘରୋଇ ସଂସ୍ଥା

ବ୍ରହ୍ମପୁର, ୨୬।୭ (ସମିସ)

- ଅଭିରାମ ଆଉଟସୋର୍ସିଂ ଏଜେନ୍ସିକୁ କାରଣ ଦର୍ଶାଅ ନୋଟିସ୍
- ଜବାବ ରଖିବାକୁ ୭ ଦିନର ମହଲତ
- ନିୟମିତ ହେଉନି ଟେଣ୍ଡର, ମନମୁଖୀ ଚଳାଇଛନ୍ତି ଠିକାସଂସ୍ଥା

ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ମାନବସମ୍ବଳର ଘୋର ଅଭାବ ଯୋଗୁଁ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଆଉଟସୋର୍ସିଂ ଜରିଆରେ କର୍ମଚାରୀଙ୍କୁ ନିୟୋଜିତ କରାଯାଉଛି। ଏହିକ୍ରମରେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ମଧ୍ୟ ବିଭିନ୍ନ ଆଉଟସୋର୍ସିଂ ତଥା ଘରୋଇ ସଂସ୍ଥା ଜରିଆରେ ମେଡିକାଲ କର୍ତ୍ତୃପକ୍ଷ ବିଭିନ୍ନ ପଦବୀରେ ବହୁ କର୍ମଚାରୀଙ୍କୁ ନିୟୋଜିତ କରିଛନ୍ତି। ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ଉଭୟ ଡାକ୍ତର ଓ ରୋଗୀଙ୍କୁ ସହାୟତା ଯୋଗାଇବାକୁ ମେଡ଼ିକାଲରେ ମୋଟ ୨୬୩ଜଣ ଆଟେଣ୍ଡାଣ୍ଟ କାର୍ଯ୍ୟ କରୁଛନ୍ତି। 'ଅଭିରାମ କେୟାର ଟେକିଂ ଆଣ୍ଡ ଏକ୍ସପୋର୍ଟ ସର୍ଭିସ' ନାମକ ଏକ ସଂସ୍ଥାକୁ ମେଡ଼ିକାଲ ପକ୍ଷରୁ ମାନବସମ୍ବଳ ଯୋଗାଇବା ଦାୟିତ୍ୱ ଦିଆଯାଇଛି। ତେବେ ଏହି ଘରୋଇ ଠିକାସଂସ୍ଥା ନିଜର ମନମୁଖୀ ଚଳାଇଥିବା ଅଭିଯୋଗ ହୋଇଛି। ସଂସ୍ଥା ପକ୍ଷରୁ ବହୁ ନୀତିନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଥିବା ସହ ଏହାଦ୍ୱାରା ଅନେକ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଏମ୍‌କେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗାମାଧବ ଶତପଥୀ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସଂସ୍ଥା ଦ୍ୱାରା ନିଯୁକ୍ତ ଆଉଟସୋର୍ସିଂ ଆଟେଣ୍ଡାଣ୍ଟଙ୍କ ବକେୟା ଦେୟ, ମାସିକ ପାରିଶ୍ରମିକ ପ୍ରଦାନରେ ଅନିୟମିତତା, ଇପିଏଫ ଏବଂ ଇଏସଆଇ ବାବଦ ଅର୍ଥ ପୈଠ କରିବାରେ ସଂସ୍ଥା ଅବହେଳା କରୁଥିବା ଜାରି ହୋଇଥିବା ନୋଟିସରେ ଉଲ୍ଲେଖ ଥିବା ଜଣାପଡ଼ିଛି। ଏନେଇ ବିଭିନ୍ନ ସଂଗଠନ ଓ ସଂସ୍ଥା ପକ୍ଷରୁ ମଧ୍ୟ ଏମକେସିଜି ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ସମ୍ପର୍କରେ ଏମକେସିଜି ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମ୍ପୃକ୍ତ ସଂସ୍ଥାକୁ ଅବଗତ କରାଯାଇଥିଲେ ହେଁ ସଂସ୍ଥା ପକ୍ଷରୁ ସମସ୍ୟାର ସମାଧାନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏଥିସହିତ 'ଅଭିରାମ କେୟାର ଟେକିଂ ଆଣ୍ଡ ଏକ୍ସପୋର୍ଟ ସର୍ଭିସ' ଓ ଏମକେସିଜି ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ହୋଇଥିବା ଦ୍ୱିପାକ୍ଷିକ ଚୁକ୍ତିନାମାର ନିୟମ ଏବଂ ସର୍ତ୍ତାବଳୀକୁ ସଂସ୍ଥା ଖିଲାପ କରୁଥିବା ଅଭିଯୋଗ ରହିଛି। ନୋଟିସ ଜାରି କରାଯିବାର ୭ଦିନ ମଧ୍ୟରେ ଜବାବ ରଖିବାକୁ ମହଲତ ଦିଆଯାଇଥିବା ବେଳେ ଏଭଳି କାର୍ଯ୍ୟ ପାଇଁ ସଂସ୍ଥାକୁ କାହିଁକି କଳା ତାଲିକାଭୁକ୍ତ କରାଯିବ ନାହିଁ ବୋଲି ପ୍ରଶ୍ନ କରାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ସଂସ୍ଥା ପକ୍ଷରୁ ଜବାବ ନମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ନୋଟିସରେ ସ୍ପଷ୍ଟ ଉଲ୍ଲେଖ ରହିଛି। ସଂସ୍ଥା ଜରିଆରେ କାର୍ଯ୍ୟରତ ଅଧିକାଂଶ କର୍ମଚାରୀ ୟୁନିଫର୍ମ ପରିଧାନ କରୁନଥିବା ପରିଲକ୍ଷିତ ହୋଇଛି। ଫଳରେ କେଉଁ ଆଉଟସୋର୍ସିଂ କର୍ମଚାରୀଙ୍କୁ ଚିହ୍ନଟ କରିବାରେ ସମସ୍ୟା ହେଉଛି। ଯାହାର ସୁଯୋଗ ନେଇ ଡାକ୍ତରଖାନାରେ ବହୁ ଦଲାଲ ରୋଗୀଙ୍କ ଠାରୁ ଚିକିତ୍ସା ଆଳରେ ଟଙ୍କା ସମେତ ଅଳଙ୍କାର ଲୁଟିବାରେ ସଫଳ ହେଉଥିବା ନଜିର ରହିଛି। ଅନ୍ୟପକ୍ଷରେ ଏମକେସିଜି ମେଡ଼ିକାଲ ପକ୍ଷରୁ ବିଭିନ୍ନ ଠିକା ସଂସ୍ଥାକୁ ମାନବସମ୍ବଳ ଯୋଗାଇବାକୁ ଟେଣ୍ଡର ଜରିଆରେ ଅନୁମତି ପ୍ରଦାନ କରାଯାଉଛି। ତେବେ ବିଭିନ୍ନ କାରଣରୁ ନିୟମିତ ତଥା ନିର୍ଦ୍ଧାରିତ ସମୟରେ ଟେଣ୍ଡର ହେଉନଥିବାରୁ ଏକ ନିର୍ଦ୍ଦିଷ୍ଟ ସଂସ୍ଥା ବର୍ଷବର୍ଷ ଧରି ମେଡ଼ିକାଲରେ ଦାୟିତ୍ୱ ତୁଲାଉଥିବା ଦେଖିବାକୁ ମିଳୁଛି। ଫଳରେ ଏଭଳି ବିଭିନ୍ନ ଆଉଟସୋର୍ସିଂ ସଂସ୍ଥାର ମନମୁଖୀ କାର୍ଯ୍ୟ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଏମକେସିଜି ମେଡ଼ିକାଲ ଓ ହସ୍ପିଟାଲ କର୍ତ୍ତୃପକ୍ଷ ନିୟମିତ ବ୍ୟବଧାନରେ ତଥା ସ୍ୱଚ୍ଛତା ଅବଲମ୍ବନ ସହ ଟେଣ୍ଡର କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ବମକୋଇ କଲେଜରେ ସଚେତନତା କାର୍ଯ୍ୟକ୍ରମ



ଦିଗପହଣ୍ଡି,୨୬।୭(ସମିସ): ଦିଗପହଣ୍ଡି ବ୍ଲକ ବମକୋଇ ଗ୍ରାମ ସ୍ଥିତ ଚିଦାନନ୍ଦ ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗ ଏବଂ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ଇଣ୍ଡକ୍ସନ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଦେବଦତ୍ତ ସୁବୁଦ୍ଧି ସଭାପତିତ୍ୱ କରିଥିଲେ। ଏଥିରେ ନବାଗତ ବିଦ୍ୟାର୍ଥୀ ମାନଙ୍କୁ ସ୍ୱାଗତ କରାଯିବା ସହ ଅନୁଷ୍ଠାନର ସମ୍ପୂର୍ଣ୍ଣ ପରିଚୟ ପ୍ରଦାନ କରି ବିଦ୍ୟାଳୟରେ ପଢ଼ାଯାଉଥିବା ବିଷୟ ଗୁଡିକ ଉପରେ ସଚେତନ କରାଯାଇଥିଲା। ଏପରିକି ବିଦ୍ୟାଳୟରେ ଉପଲବ୍ଧ ଥିବା ବିଭିନ୍ନ ଛାତ୍ରବୃତ୍ତିର ସୁବିଧା, ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ବ୍ୟବସ୍ଥା, କ୍ରୀଡା ଓ ଯୋଗ ପ୍ରଶିକ୍ଷଣ, ର୍ୟାଗିଂ ପ୍ରତିଷେଧକ ବ୍ୟବସ୍ଥା, ଗଠିତ ହୋଇଥିବା ଅଭ୍ୟନ୍ତରିଣ ଅଭିଯୋଗ କମିଟି ଓ ପାଠ୍ୟଖସଡ଼ା ଇତ୍ୟାଦି ବିଷୟ ଉପରେ ମଧ୍ୟ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ନବାଗତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ରାମ୍‌ଜୀ କଲେଜରେ ପୋଷ୍ ଆକ୍ଟ କର୍ମଶାଳା



ଦିଗପହଣ୍ଡି,୨୬।୭(ସମିସ): ଦିଗପହଣ୍ଡି ବ୍ଲକ ଅଧିନସ୍ଥ ରାମଜୀ ସ୍ନାତକ ମହାବିଦ୍ୟାଳୟ ପରିସରରେ ଶନିବାର ପୋଷ୍ ଆକ୍ଟ -୨୦୧୩ ବା କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଯୌନ ଉତ୍ପୀଡ଼ନରୁ ସୁରକ୍ଷା ଓ ୟୁଜିସି ନିୟମ ସଂପର୍କିତ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ନିହାର ରଞ୍ଜନ କର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢୀ, ମୁଖ୍ୟବକ୍ତା ରୂପେ ଉଚ୍ଚ ଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ସୁଶାନ୍ତ କୁମାର ଦାସ, ଡ. କୁଳମଣି ଓଝା, ସମ୍ମାନିତ ଅତିଥିରୂପେ ରାମଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଜେନାମଣି ସାହୁ, ଦିଗପହଣ୍ଡି ବାର୍ ଆସୋସିଏସନର ସମ୍ପାଦକ ପ୍ରଦୀପ କୁମାର ନାୟକ, ଖେମୁଣ୍ଡି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅସିତ୍ କୁମାର ଷଡଙ୍ଗୀ, ବିଜୁପଟ୍ଟନାୟକ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସ୍ୱାଗତିକା ପାତ୍ର ଓ ଶେରଗଡ ଉଦୟ ପ୍ରତାପ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ ଯୋଗ ଦେଇଥିଲେ। ଏଥିରେ ନିକଟସ୍ଥ ସମସ୍ତ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟ ମାନେ ମଧ୍ୟ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ସ୍ତରରେ ଛାତ୍ରୀ ତଥା ମହିଳା କର୍ମଚାରୀଙ୍କ ସୁରକ୍ଷା ସଂପର୍କରେ ସଚେତନ କରାଯାଇଥିଲା। ଅଧ୍ୟାପିକା କୁମାରୀ ପ୍ରିୟଦର୍ଶିନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ସ୍ଥାନରେ କାରଗିଲ୍ ବିଜୟ ଦିବସ ପାଳିତ

# 'ଭାରତୀୟ ସେନା ପରାକ୍ରମର ପ୍ରତିଫଳନ କାର୍‌ଗିଲ୍ ବିଜୟ'







ବୁଗୁଡ଼ା,୨୬।୭(ସମିସ)

ସ୍ଥାନୀୟ କାରଗିଲ୍ ସହିଦ ସ୍ମୃତିପୀଠରେ ସେବାନିବୃତ୍ତ ସେନା କର୍ମଚାରୀ ସଂଘ ପକ୍ଷରୁ ୨୬ତମ କାରଗିଲ୍ ବିଜୟ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ସୂର୍ଯ୍ୟ ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ବିପ୍ର ଚରଣ ପାଣିଗ୍ରାହୀ ପରିଚାଳନା କରିଥିଲେ। ଏଥିରେ ଅତିଥି ଭାବେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇଥିବା ବେଳେ ସହ-ସମ୍ପାଦକ ନିଳାଞ୍ଚଳ ଜେନା, ଚରଣ ପ୍ରଧାନ, ଦୁଃଖୀଶ୍ୟାମ ଜେନା ଓ ଗଙ୍ଗାଧର ନନ୍ଦ ପ୍ରମୁଖଙ୍କ ସମେତ ଅନ୍ୟ ଅବସରପ୍ରାପ୍ତ ସେନା କର୍ମଚାରୀମାନେ ଉପସ୍ଥିତ ଥିଲେ।

**କୋଦଳା:** ସ୍ଥାନୀୟ ଲକ୍ଷ୍ମୀ ନାରାୟଣ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ରଘୁନାଥ ମୁଦୁଲିଙ୍କ ସଭାପତିତ୍ୱରେ ଆମ ଗୌରବ ଆମ କଲେଜ ପରିଚାଳନା ସଂଗଠନ ତରଫରୁ କାର୍‌ଗିଲ୍ ବିଜୟ ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଜୟୀ ସହିଦ ମାନଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ମହାବିଦ୍ୟାଳୟ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଆୟୋଜନ କରାଯାଇଥିଲା। ଏଥିରେ କଲେଜ ପରିଚାଳନା ସଂଗଠନ ସଂଯୋଜକ ଭବାନୀ ଶଙ୍କର ଆଚାର୍ଯ୍ୟ ଉକ୍ତ ଦିବସର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ରଞ୍ଜୁବାଳା ନନ୍ଦ, ବିନୋଦ କୁମାର ମିଶ୍ର, ସପନ କୁମାର ଦାଶ, ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ତପସ୍ୱିନୀ କରଣ, ଅଧ୍ୟାପକ ଲିପୁନ କୁମାର ମାଝୀ ଯୁଦ୍ଧ ସମୟର ଲୋମହର୍ଷଣ କାହାଣୀ କହି ଛାତ୍ରଛାତ୍ରୀଙ୍କ ମନରେ ଦେଶପ୍ରେମର ବାର୍ତ୍ତା ପହଞ୍ଚାଇଥିଲେ। ରାଜନୀତି ବିଭାଗୀୟ ଅନ୍ତିମ ବର୍ଷ ଛାତ୍ରୀ ପ୍ରୀତି ତରେଇ କାର୍‌ଗିଲ ବିଜୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଅଧ୍ୟକ୍ଷ ରଘୁନାଥ ମୁଦୁଲି ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥଲେ।

**ଆସିକା:** ଆସିକା ଏନଏସି ହାଇସ୍କୁଲର ପୂର୍ବତନ ଛାତ୍ର ସହିଦ ଉମାକାନ୍ତ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। କାର୍‌ଗିଲ ଯୁଦ୍ଧରେ ଶତ୍ରୁପକ୍ଷ ସହ ଲଢ଼ି ଦେଶ ପାଇଁ ଜୀବନ ଦେଇଥିବା ସହିଦ ଉମାକାନ୍ତ ଜଣେ ଦକ୍ଷ ସୈନିକ ସାଙ୍ଗକୁ ମେଳାପୀ ଓ ମିଷ୍ଟଭାଷୀ ମଣିଷ ଥିଲେ। ପିଲାଟି ଦିନରୁ ତାଙ୍କରି ସାହସ ଓ ଧୈର୍ଯ୍ୟ ପାଇଁ ବିଦ୍ୟାଳୟ ସ୍ତରରୁ ପ୍ରଶଂସିତ ହେଉଥିଲେ ବୋଲି ମତ ପ୍ରକାଶ ପାଇଥିଲା। ଆସିକା ମାଟି ଏହିଭଳି ଯୋଦ୍ଧାକୁ ନେଇ ସବୁବେଳେ ଗର୍ବ ଅନୁଭବ କରିବ ବୋଲି ଅଭିବକ୍ତା ନାରାୟଣ ମୁନି ନିଜ ଉଦବୋଧନରେ କହିଥିଲେ। ଅନ୍ୟତମ ଅଭିବକ୍ତା କିରଣ ପାଢ଼ୀ, ଆସିକା ଥାନାର ଏଏସଆଇ ହିମାଂଶୁ ପାତ୍ର, ବିବି ଦାଶ, ଏସକେ ସାହୁ, ଏସସି ମହାନ୍ତି, ବିଜୟ କୁମାର ପାଣିଗ୍ରାହୀ, ସୀମାଞ୍ଚଳ ମହାନ୍ତି, ଅଲେଖ ବେହେରା, ବିକେ ପାଣିଗ୍ରାହୀ, ପ୍ରଦୀପ ଶତପଥି, ବିଚିତ୍ର ବିହାରୀ ଦାଶ, ସୁରେନ୍ଦ୍ର ପଟ୍ଟନାୟକ, ପ୍ରସନ କୁମାର ସାହୁ, ଧିରେନ କୁମାର ପଣ୍ଡା, ଅଶୋକ ସ୍ୱାଇଁ, ସୂର୍ଯ୍ୟନାରାୟଣ କର, ଉମା ଚରଣ ଦାଶ, ବାଳକୃଷ୍ଣ ପାଣିଗ୍ରାହୀ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ପ୍ରଶାନ୍ତ କୁମାର ପାତ୍ର, ଦିଲ୍ଲୀପ କୁମାର ସ୍ୱାଇଁ, ଟୁକୁ ତ୍ରିପାଠୀ, ପିଇଟି ସାର, ଏସ କେ ୟୁସିଫ, ଅବସରପ୍ରାପ୍ତ ସେନା କର୍ମଚାରି, ବୁଦ୍ଧିଜୀବୀଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**ସୋରଡା:** ପୂର୍ବତନ ଅବସର ପ୍ରାପ୍ତ ସୈନିକ ସଂଘ ତରଫରୁ କାର୍‌ଗିଲ ବିଜୟଦିବସ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଙ୍ଘର ସମ୍ପାଦକ ହାବିଲଦାର ଗୁରୁଚନ୍ଦ୍ର ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ରାମଚନ୍ଦ୍ର ସାହୁ, ସୁରେଶ ବିଷୋୟୀ, ବୁଲୁ ସ୍ୱାଇଁ, ଗୌରାଙ୍ଗ ପଡ଼ିଆରୀ, ଧ୍ରୁବ ପାଣ୍ଡେ, ନିରଞ୍ଜନ ପଣ୍ଡା, ଜଗନ୍ନାଥ ପ୍ରଧାନ, ଭଗବାନ ପାଢ଼ୀ, ସୁବାଷ ପଣ୍ଡାଙ୍କ ସମେତ ସହରର ଅନେକ ବୁଦ୍ଧିଜୀବୀ ଜନସାଧାରଣ ଓ ସମାଜସେବୀ ପ୍ରମୁଖ ଉପସ୍ଥିତ ରହି ସହିଦ ସହିଦ ମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

**ଦିଗପହଣ୍ଡି:** ଦିଗପହଣ୍ଡିରେ ବିଜେପି ପକ୍ଷରୁ କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଶ୍ରୀଚନ୍ଦ୍ରଚୁଡେଶ୍ୱର ଶୈବପୀଠ ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେପି ଶକ୍ତିକେନ୍ଦ୍ର କାର୍ଯ୍ୟକର୍ତ୍ତା ସୁଷମା ଗୌଡ଼ ଅଧ୍ୟକ୍ଷତା କରିଥିଲେ। କାର୍‌ଗିଲ ଯୁଦ୍ଧରେ ଦେଶ ମାତୃକାର ସେବାରେ ନିୟୋଜିତ ଥିବା ସେନାବାହିନୀର ବହୁ ସଂଖ୍ୟକ ଯବାନ ସହୀଦ ହୋଇଥିଲେ। ଦିବଂଗତ ଯବାନ ମାନଙ୍କ ସ୍ମୃତିରେ ମହମବତି ଶୋଭାଯାତଆ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ପରିଷଦ ସଦସ୍ୟ ପରେଶ ଚନ୍ଦ୍ର ରଥ, ବ୍ରହ୍ମପୁର ସାଂସଦ ପ୍ରତିନିଧି ଭବାନୀ ଶଙ୍କର ପଣ୍ଡା, ବିଜେପି କାର୍ଯ୍ୟକର୍ତ୍ତା ଟୁନା ଚୌଧୁରୀ, ଦୟାନିଧି ନାହାକ, ଭୁବନେଶ୍ୱର ପଣ୍ଡା, ଗଣେଶ ପଣ୍ଡା, ଶ୍ରୀକାନ୍ତ ମହାରଣା, ଆଶା ଦାସ, ଇ.ବିଶିକେଶନଙ୍କ ସମେତ ବହୁ ସଂଖ୍ୟକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଚାଷୀ ପଞ୍ଜୀକରଣ ପାଇଁ ଆଲୋଚନା ସଭା

ଦିଗପହଣ୍ଡି,୨୬।୭(ସମିସ): ଦିଗପହଣ୍ଡି ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ଚଳିତ ଖରିଫ ଧାନ କ୍ରୟ ପାଇଁ ଚାଷୀ ପଞ୍ଜୀକରଣ ସମସ୍ୟା ନେଇ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତି ସଭାପତି ପ୍ରମୋଦ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଏନଏସି ନଗରପାଳ ପ୍ରଫୁଲ ପଣ୍ଡାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ। କୌଣସି ମୃତକଙ୍କ ନାମରେ ଯଦି ଚାଷ ଜମିପଟ୍ଟା ରହିଥାଏ ତେବେ ସ୍ଥାନୀୟ ରାଜସ୍ୱ ନୀରିକ୍ଷକଙ୍କ ସହମତି ପତ୍ର କ୍ରମେ କିପରି ସେହି ଜମିକୁ ପରିବାରର ଅନ୍ୟ ସଦସ୍ୟଙ୍କ ନାମରେ ପଞ୍ଜିକରଣ କରିପାରିବେ। ସେହିଭଳି ଠାକୁରଙ୍କ ନାଁରେ ଥିବା ଚାଷ ଜମି ପଟ୍ଟାରେ ଉଲ୍ଲେଖ ଥିବା ମାର୍ଫତଦାର ହିଁ ଉକ୍ତ ଜମିକୁ ସମବାୟ ସମିତିରେ ପଞ୍ଜିକରଣ କରିପାରିବେ। ଦିଗପହଣ୍ଡିରେ ବହୁ ଚାଷୀ ଠାକୁରଙ୍କ ନାଁରେ ଥିବା ଜମିରେ ଭାଗ ଚାଷ କରି ପରିବାର ଭରଣପୋଷଣ କରି ଆସୁଛନ୍ତି। ତେଣୁ ସରକାରୀ ସ୍ତରରେ ଏହାକୁ ବିଚାର କରି ଠାକୁରଙ୍କ ଜମିରେ ଭାଗ ଚାଷ କରୁଥିବା ସମସ୍ତ ଚାଷୀଙ୍କ ଉତ୍ପାଦିତ ଧାନକୁ ମଣ୍ଡି ଜରିଆରେ କ୍ରୟ କରାଯିବା ପାଇଁ ଆଗାମୀ ଦିନରେ ତହସିଲଦାର କାର୍ଯ୍ୟାଳୟରେ ଦିଗପହଣ୍ଡି ଚାଷୀ ସଂଗଠନ ତରଫରୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସଭାରେ ନିଷ୍ପତ୍ତି ନିଆଯାଇଥିଲା। ଏହି ଆଲୋଚନା ସଭାରେ ସମବାୟ ସମିତି ସମ୍ପାଦକ ସୁରେଶ କୁମାର ନନ୍ଦ, ଅଗ୍ରଣୀ ଚାଷୀ ଗୌରଚନ୍ଦ୍ର ପୂଜାରୀ, ଅରୁଣ ସାହୁ, ରାମଚନ୍ଦ୍ର ପୂଜାରୀ, ଲବ ମହାନ୍ତି, କିଶୋର ଚନ୍ଦ୍ର ଜେନା, ଏମ୍. ବାଇନାଥ, ଏନ୍. ତ୍ରିନାଥ, ଏମ. ରାମଚନ୍ଦ୍ର, ହରିକୃଷ୍ଣ ପଣ୍ଡା, ସୁରେଶ କୁମାର ପାତ୍ର, ବାଲ୍ମୀକି ବେହେରା, ପି.ପଙ୍ଗୁ, ଅର୍ଦ୍ଧୁ. ହରିଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

# ୪୬ ୟୁନିଟ୍ ରକ୍ତ ସଂଗୃହୀତ



ଧରାକୋଟ,୨୬।୭(ସମିସ): ଧରାକୋଟ ସତ୍ୟସାଇ ସେବା ଗ୍ରୁପ ତରଫରୁ ସ୍ଥାନୀୟ ସାଇ ମନ୍ଦିର ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଶିବିରକୁ ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଇଁ ଅଶୋକ କୁମାର ପାଢ଼ୀ, ଡ ସଚ୍ଚିଦାନନ୍ଦ ବିଷୋୟୀ, ପୂର୍ବତନ ସରପଞ୍ଚ ଦିଲୀପ କୁମାର ସ୍ୱାଇଁ, ପୂର୍ବତନ ଜିଲ୍ଲା ଆବାହକ ବିପ୍ର ଚରଣ ନାୟକ, ଇଂ ପ୍ରଦୀପ ନାୟକ, ଦୁର୍ଗା ପ୍ରସାଦ ଦାସ ଉପସ୍ଥିତ ଥିଲେ। ଶିବିରରେ ୪୬ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମରେ ଶିବ ପ୍ରସାଦ ମହାନ୍ତି, ଗଗନ ବିହାରୀ ସ୍ୱାଇଁ, ଚନ୍ଦ୍ରହାସ ବରାଡ, ଗୌର ଚନ୍ଦ୍ର ଦାସ, ୟୁ ପାପା ରାଓ, ଘନଶ୍ୟାମ ଗୌଡ଼, ପ୍ରଭାକର ମୁନି, ଅଶୋକ ବରାଡ, ଶ୍ୟାମ ସୁନ୍ଦର ତ୍ରିପାଠୀ, ପି ପ୍ରସାଦ ପାତ୍ର, ଭଗବାନ ପାଣିଗ୍ରାହୀ, ଅଶୋକ ଦାସ, ବାୟା ଭୂୟାଁ, ରାମଚନ୍ଦ୍ର ସେଠୀ, ସଂଗୀତା ଦାସ, ଗୀତାଞ୍ଜଳି ସାହୁ, ପ୍ରମିଳା ମୁନି, ଜ୍ୟୋସ୍ନା ମହାନ୍ତି, ବାସନ୍ତୀ ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ



ଛତ୍ରପୁର,୨୬।୭(ସମିସ): ସ୍ଥାନୀୟ ଜଗନ୍ନାଥପୁରଗ୍ରାମ ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡି. ଡମ୍ବରୁ ରେଡ୍ଡୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବ୍ରହ୍ମପୁର ସାଂସଦ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗଦେଇ ବିଦ୍ୟାଳୟର ଇତିହାସ ଏବଂ ଗୁରୁ ମାନଙ୍କ ଶିକ୍ଷାଦାନ ଉପରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ପୂର୍ବତନ ଉପବାଚସ୍ପତି ରାମ ଚନ୍ଦ୍ର ପଣ୍ଡା, ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ. ଶାରଦା ରେ‡୍ଡୀ, ନରେନ୍ଦ୍ରପୁର ସରପଞ୍ଚ ଜ୍ୟୋତି ସାହୁ, ସମିତି ସଭ୍ୟା ବି. ସୋନାଲି ସେନାପତି, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର (ଭୁବନେଶ୍ୱର) ଉପ ପରୀକ୍ଷା ନିୟନ୍ତ୍ରକ ଅବିନାଶ ଶତପଥି, ଛତ୍ରପୁର ଏବିଇଓ ନିମତା ରାଉତ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅବସରରେ ପୁରାତନ ଶିକ୍ଷକ/ ଶିକ୍ଷୟିତ୍ରୀ, ଜନ ପ୍ରତିନିଧି, ବରିଷ୍ଠ ନାଗରିକ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୂର୍ବତନ ସମିତି ସଭ୍ୟ ତଥା ଯୁବ ନେତା ଜ୍ୟୋତି ରଞ୍ଜନ ସାହୁ ସଂଯୋଜନା କରିଥିବା ବେଳେ ଗ୍ରାମ୍ୟ କମିଟି ସଭାପତି ଏସ ରାମସ୍ୱାମୀ ରେଡ୍ଡୀ, ସମ୍ପାଦକ ଯୁଧିଷ୍ଠିର ସେଠୀ, ଡି ଜାଗାରାଓଙ୍କ ସମେତ ସମସ୍ତ ଗ୍ରାମବାସୀ ଏବଂ ଶିକ୍ଷକ/ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

# ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ଛତ୍ରପୁର,୨୬।୭(ସମିସ): ସ୍ଥାନୀୟ ଶ୍ରୀରାମନଗର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ଗୋପାଳପୁର ବନ୍ଦରର ସାମାଜିକ କଲ୍ୟାଣ ଅଧିକାରୀ ଦେବଦତ୍ତ ମିଶ୍ର ଯୋଗଦେଇ ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ଶିଶ ମନ୍ଦିରର ପ୍ରୟାସକୁ ପ୍ରସଂଶା କରିଥିଲେ। ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ନାଥ ଦାଶ ଉପସ୍ଥିତ ଅତିଥିଙ୍କ ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ସଭାପତି ତଥା ହାଇକୋର୍ଟ ଆଡ଼ଭୋକେଟ ପଦ୍ମଚରଣ ସାହୁ ମଞ୍ଚାସୀନ ଅତିଥିବୃନ୍ଦଙ୍କୁ ଉପଢୌକନ ପ୍ରଦାନ କରିବା ସହିତ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମୋଟ ୩୨୭ ଜଣ ଶିଶୁ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଚାରକ ରୂପେ ଜଗନ୍ନାଥ ପଣ୍ଡା, ବିକ୍ରମ ବେହେରା, ବନୋଜ ଶତପଥି, ଡଃ ମିଲିମିଟର ପାଢୀ, ସବିତା ସାହୁ, ଜ୍ୟୋତିର୍ମୟୀ ମହାପାତ୍ର, ତୁଳସୀରାମ ମେହର, ଜୟଶ୍ରୀ ଦାଶ, ରଶ୍ମିରଞ୍ଜନ ସାହୁ, ସୋନାଲୀ ସାହୁ, ସାଇରାମ ବେହେରା, ଡଃ ଗୌରୀଶଙ୍କର ଶତପଥୀ, ସନ୍ତୋଷ ବେହେରା, ଦୁର୍ଗା ପ୍ରସାଦ ଦାଶ, ସଦସ୍ୟ ରାମ ପ୍ରସାଦ ପଟ୍ଟନାୟକ, କୋଷାଧ୍ୟକ୍ଷ ସୀମାଞ୍ଚଳ ପାତ୍ର ପ୍ରମୁଖ ପୁରସ୍କାର ବିତରଣ କରିଥିଲେ।



# ଆଞ୍ଚଳିକ ବିଜ୍ଞାନ କଲେଜର ସ୍ୱନକ୍ଷତ୍ର ଉତ୍ସବ



ବେଲଗୁଣ୍ଠା,୨୬।୭(ସମିସ): ବେଲଗୁଣ୍ଠା ବ୍ଲକ୍ କ୍ଷତ୍ରିୟବରପୁର ସ୍ଥିତ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୨ ତମ ସ୍ୱନକ୍ଷତ୍ର ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଭଞ୍ଜନଗରର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ ଯୋଗ ଦେଇ ଛାତ୍ର ସମାଜ ଗୁଣାତ୍ମକ ଶିକ୍ଷା ପ୍ରତି ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ରୂପେ ଅନୁଷ୍ଠାନର ପ୍ରଥମ ଅଧ୍ୟକ୍ଷ ଅଶୋକ ତ୍ରୀପାଠି ଯୋଗଦେଇ ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରେରଣା ଦାୟକ ହେବା ଉଚିତ୍ ବୋଲି କହିଥିଲେ। ସେହିପରି ସମ୍ମାନୀତ ଅତିଥି ରୂପେ ବେଲଗୁଣ୍ଠା ଏବଂ ଭଞ୍ଜନଗର ଗୋଷ୍ଠୀ ଶିକ୍ଷାଧିକାରୀ ଲୋପାମୁଦ୍ରା ରଥ, ଅନ୍ୟତମ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ କମଳକ୍ଷ କୁମାରୀ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ମହାନ୍ତି, ବି ଗୋବିନ୍ଦ ରାଓ ଅନୁଷ୍ଠାନର ୪୨ ବର୍ଷର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସାଂସ୍କୃତିକ ପରିଷଦ ଉପସଭାପତି ଦେବେଶ ଚନ୍ଦ୍ର ମହାପାତ୍ର ସଂଯୋଜନା କରିଥିବା ବେଳେ ଅଧ୍ୟାପକ ତ୍ରିନାଥ ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।

## ବରପୁତ୍ରଙ୍କୁ ଇଏ କି ସମ୍ମାନ; ଅନ୍ଧାରରେ ୪୧ ପ୍ରତିମୂର୍ତ୍ତି

# କମିଟି ମାଳମାଳ; ତଦାରଖ ପାଇଁ ନାହିଁ ବେଳ



ରମ୍ଭା,୨୬।୭(ସମିସ) ସ୍ଥାନୀୟ ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୪୧ ଗୋଟି ବରପୁତ୍ରଙ୍କ ପ୍ରତିମୂର୍ତ୍ତିକୁ କିଛି ମାସ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରିଥିଲେ। କିନ୍ତୁ ଉନ୍ମୋଚନ ହେବାର କିଛି ଦିନ ପରେ ରାତିରେ ପ୍ରତିମୂର୍ତ୍ତି ଗୁଡ଼ିକ ଅନ୍ଧାରରେ ରହୁଛି। ଏହା ରାଜ୍ୟ ସରକାରଙ୍କ କି ପ୍ରକାର ଓଡ଼ିଆ ପ୍ରୀତି ଆଉ କି ପ୍ରକାର ଓଡ଼ିଆ ଅସ୍ମିତା ବୋଲି କୁହାଯାଉଛି। ରମ୍ଭା ସହରର ଉକ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ନିର୍ମାଣ ହୋଇ ଦୀର୍ଘ ୬ ବର୍ଷ ପରେ ଉନ୍ମୋଚନ ହୋଇଥିଲା। କିନ୍ତୁ ଉନ୍ମୋଚନ ହେବା ପରେ ପ୍ରତିମୂର୍ତ୍ତିମାନଙ୍କୁ ପୁଣି ଅସମ୍ମାନ କରା ଯାଇଥିବା ନେଇ ଜୋର ଚର୍ଚ୍ଚା ହେଉଛି। ଏହାକୁ ନେଇ ସହରବାସୀ ତଥା ଉତ୍କଳ ସଂଗ୍ରାମୀ ସ୍ମାରକୀ ପୀଠ କ୍ଷୋଭ ପ୍ରକାଶ କରିଛି। ସହର ମଧ୍ୟରେ ଥିବା ବିଭିନ୍ନ ସରକାରୀ ବସ୍ତୁର ତଦାରଖ କରିବା ଦାୟିତ୍ୱ ଏନଏସି ପ୍ରଶାସନର ଥିବାବେଳେ ଏଥିପ୍ରତି ଜାଣିଶୁଣି ଏନଏସି ପ୍ରଶାସନ ଅଣଦେଖା କରୁଛି ନା କୌଣସି ଅଧିକାରୀ ଏପରି କରୁଛନ୍ତି ତାହା ଜଣାପଡୁନି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ବରପୁତ୍ରଙ୍କୁ ଉଚିତ ସମ୍ମାନ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ରାସ୍ତା ମଝିରେ ବିପଦକୁ ଡାକୁଛି ବିଦ୍ୟୁତ୍ ଖୁଣ୍ଟ

କୁକୁଡ଼ାଖଣ୍ଡି,୨୬।୭(ସମିସ): ବିଦ୍ୟୁତ୍ ବିଭାଗ ପକ୍ଷରୁ ୨୪ଘଣ୍ଟିଆ ଅନବରତ ସେବା ଯୋଗାଇ ଦିଆଯାଉଛି ବୋଲି କୁହାଯାଉଥିବାବେଳେ ବାସ୍ତବ ସ୍ଥିତି କିନ୍ତୁ ଭିନ୍ନ। ଗ୍ରାମାଞ୍ଚଳରେ ଘଣ୍ଟା ଘଣ୍ଟା ଧରି ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ସେହିପରି ବିଭାଗୀୟ ଅବହେଳା ଯୋଗୁଁ ବିଭିନ୍ନ ସମୟରେ ବୁିଦ୍ୟୁତ୍ ଖୁଣ୍ଟ ଗୁଡ଼ିକ ବିପଦସଂକୁଳ ଅବସ୍ଥାରେ ପଡ଼ିରହୁଛି। ଏପରି ଘଟଣା ଦେଖିବାକୁ ମିଳିଛି କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠୀ ଗ୍ରାମ ବାଲିବାଡ଼ ସାହିରେ। ବାଲିବାଡ଼ ସାହି ଓ କଟକ ନଗର ସାହିକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାରେ ଏକ ବିଦ୍ୟୁତ୍ ଖୁଣ୍ଟ ରହିଛି। ପୂର୍ବରୁ ଏହି ଖୁଣ୍ଟ ଉପରେ ବିଦ୍ୟୁତ ତାର ବିଛା ଯାଇଥିଲା। ହେଲେ ରାସ୍ତା ଓସାରିଆ ହେବା ସହ ଅନ୍ୟ ଏକ ଖୁଣ୍ଟ ପୋତାଯିବାରୁ ତାରକୁ ସେହି ଖୁଣ୍ଟକୁ ଘୁଞ୍ଚାଇ ଦିଆଯାଇଛି। ହେଲେ ସେହି ପୁରୁଣା ଖୁଣ୍ଟଟି ପୂର୍ବବତ୍ ରାସ୍ତା ମଝିରେ ବିପଦସଂକୁଳ ଅବସ୍ଥାରେ ରହିଛି। ରାସ୍ତା ମଝିରେ ଖୁଣ୍ଟଟି ରହିଥିବାରୁ ବିଭିନ୍ନ ସମୟରେ ଗାଡି ଯାତାୟତ ଓ ଲୋକଙ୍କ୍ ଯିବା ଆସିବାରେ ଅସୁବିଧା ହେଉଛି। ସେହିପରି ଖୁଣ୍ଟ ଲାଗି ଏହି ରାସ୍ତାଟି ପକ୍କା ହୋଇପାରୁନି। ତେଣୁ ବିଦ୍ୟୁତ୍ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାହିବାସିନ୍ଦା ଦାବି କରିଛନ୍ତି।



